# ଶିଶୁ ଅଧିକାର ଓ ତା'ର ସୁରକ୍ଷା

**ଶଶଧର ମହନ୍ତି**

ଆଜିର ଶିଶୁ ଆଗାମୀ ଦେଶର ଭବିଷ୍ୟତ କର୍ଣ୍ଣଧାର । ଶିଶୁର ସ୍ଥିତି, ଅବସ୍ଥିତି ସମାଜଟିର ଗଠନ ଓ ପ୍ରଗତି ବିଷୟରେ ସୂଚନା ଦେଇଥାଏ । ଆମେ ସାଧାରଣଭାବେ ଜନ୍ମରୁ ୬ବର୍ଷ ମଧ୍ୟରେ ଥିବା ପିଲାଙ୍କୁ ଶିଶୁ ବୋଲି ସମ୍ବୋଧନ କରିଥାଉଁ । ଯେଉଁ ଶିଶୁମାନେ ଉପଯୁକ୍ତ ପରିବାର ଓ ପରିବେଶରେ ନିଜର ଗଠନ ଶୈଳୀକୁ ସଠିକ୍‌ଭାବେ ଗ୍ରହଣ କରିଥାଆନ୍ତି, ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ । ଦେଖାଯାଇଛି, ଯେଉଁ ଶିଶୁ ବାଲ୍ୟକାଳରୁ ଅବହେଳିତ, ନିଷ୍ପେଷିତ ଅବସ୍ଥାରେ ଥାଆନ୍ତି ଆସନ୍ତା ସମୟରେ ସେମାନେ ଅସାମାଜିକ, ହିଂସ୍ର କାର୍ଯ୍ୟରେ ଲିପ୍ତ ରହନ୍ତି । ସେମାନଙ୍କ ଜୀବନ ଯେତିକି ଦୁର୍ବିସହ ହୁଏ, ସମାଜଲାଗି ସେତିକି ବଡ ସମସ୍ୟା ମଧ୍ୟ ସୃଷ୍ଟି କରୁଥାଆନ୍ତି । ଅଠର ବର୍ଷ ମଧ୍ୟରେ ଆମ ଦେଶରେ ଶିଶୁମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ।

୧୯୯୯ ମସିହାରେ ଓଡ଼ିଶା ମହାବାତ୍ୟା ପରେ ୟୁନିସେଫ୍‌ର ସହାୟତା ସମଗ୍ର ଭାରତବର୍ଷକୁ ମିଳିଥିଲା । ଶିକ୍ଷା ଓ ସାକ୍ଷରତା ଉପରେ ଏକ ସର୍ଭେ କରାଯାଇ ଦେଖାଗଲା, ଭାରତରେ ପ୍ରାୟ ୪୫ ଭାଗ ଶିଶୁ ପାଠ ପଢିବାକୁ ପ୍ରାଥମିକ ବିଦ୍ୟାଳୟକୁ ଯାଉନଥିବା ଏବଂ ଅଧାରୁ ପାଠ ଛାଡି ଯାଉଥିବା ଅବସ୍ଥା ଥିବାର ଅନୁଧ୍ୟାନ କରିବା ପରେ ଶିଶୁମାନଙ୍କ ଶିକ୍ଷା ଅଧିକାର ସାବ୍ୟସ୍ତ କରିବାର ମହାନ୍ ଲକ୍ଷ୍ୟ ପୋଷଣ କରି ସାରା ଭାରତରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ ହେଲା । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ କରିବା, ଭାରତର ସବୁ ଶିଶୁଙ୍କୁ ଶିଶୁ ଅଧିକାର ମାଧ୍ୟମରେ ଶିକ୍ଷା ପ୍ରଶାସକମାନେ ସାମିଲ ହେଲେ । ଆହ୍ୱାନ ଥିଲା, 'ସଭିଏଁ ପଢନ୍ତୁ , ସଭିଏଁ ବଢନ୍ତୁ' । ଏହି ସ୍ଲୋଗାନ ଓ ଲୋଗୋରେ ଏକ ପେନ୍‌ସିଲ୍ ଉପରେ ଆଗରେ ବାଳିକା ଓ ପଛରେ ବାଳକଟିଏ ବସି ହାତରେ ପୁସ୍ତକ ଧରିଥିବାର ଫଟୋଚିତ୍ର ରହିଲା । ସେତେବେଳେ ସର୍ଭେକ୍ଷଣ ରିପୋର୍ଟ ଅନୁଯାୟୀ ଝିଅମାନଙ୍କ ଶିକ୍ଷାର ହାର ପୁଅମାନଙ୍କଠାରୁ ଯଥେଷ୍ଟ କମ୍ ଥିଲା । ଅନ୍ତତଃ ଏହି ଦୁଇ ଶ୍ରେଣୀ ପୁଅ ଓ ଝିଅ ମଧ୍ୟରେ ଶିକ୍ଷାର ହାର ସମତୁଲ କରିବା ସହିତ ପ୍ରତ୍ୟେକ ଶିଶୁମାନଙ୍କୁ ପାଠ ପଢାଇବାର ସମସ୍ତ ସୁଯୋଗ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ । ଜାଣିବା ଦରକାର ଶିକ୍ଷା ଓ ସୁରକ୍ଷା ପ୍ରତିଟି ଶିଶୁର ମୌଳିକ ଅଧିକାର । ସେଥିପାଇଁ ଭାରତର ସମସ୍ତ ବିଦ୍ୟାଳୟରେ ଥିବା କଚ୍ଚାଘରଗୁଡିକୁ ପରିବର୍ତ୍ତନ କରି ପକ୍କାଘର ନିର୍ମାଣ କରିବାକୁ ଅର୍ଥ ବ୍ୟବସ୍ଥା କରାଯାଇଛି । ଏକ ସୁନ୍ଦର କୋଠାଘରେ ବିଜୁଳି ଆଲୁଅ, ପଙ୍ଖା ତଳେ ବସି ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଶିକ୍ଷକମାନଙ୍କର ପାଠପଢା ଶୈଳୀକୁ ବ୍ୟାପକ ପରିବର୍ତ୍ତନ କରାଯାଇଛି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ବ୍ୟବସ୍ଥା କରାଯାଉଛି । ପାରମ୍ପରିକ ଶିକ୍ଷା ପଦ୍ଧତି ପରିବର୍ତ୍ତେ ସକ୍ରିୟାତ୍ମକ ଶିକ୍ଷାଦାନ ପଦ୍ଧତିର ପ୍ରଚଳନ କରାଯାଇଛି । ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନରେ ମୂଳଦୁଆକୁ ମଜଭୁତ କରି ସୁନ୍ଦର ଶୈକ୍ଷିକ ପରିବେଶ ମାଧ୍ୟମରେ ଶିକ୍ଷା ଅଧିକାରକୁ ଶିଶୁମାନଙ୍କ ପାଇଁ ଖୁବ୍ ଆକର୍ଷଣୀୟ କରାଯାଉଛି । ପିଲାମାନଙ୍କ ଭିତରେ ଥିବା ପାଠପଢା ପ୍ରତି ଭୟ ଦୂର କରାଯାଇ ଏକ ମୁକ୍ତ ସ୍ୱାଧୀନ ଶିକ୍ଷାଳୟ ଭିତରେ ନୃତ୍ୟ, ସଂଗୀତ, କ୍ରୀଡା, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଭଳି ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟ କରାଯାଉଛି । କେବଳ ବହି ପାଠ ବ୍ୟତୀତ ଅନ୍ୟାନ୍ୟ ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ବିଭିନ୍ନ ସୁଯୋଗ ବିଦ୍ୟାଳୟ ପରିସରରେ ସୃଷ୍ଟି କରାଯାଉଛି । ଏହାଦ୍ୱାରା ପିଲାଟି ନିଜ ନିଜ ବିଦ୍ୟାଳୟ ପ୍ରତି ଅଧିକ ଆକର୍ଷିତ ହେଉଛି । ତା'ର ଏଭଳି ସହଶିକ୍ଷଣ ଗୁଣ ମଧ୍ୟରୁ ଯେଉଁଟିକୁ ପସନ୍ଦ କରୁଛି, ସେହି ପାଠକୁ ବାଛି ନେଉଛି । ସର୍ବଶିକ୍ଷା ପ୍ରଚଳନ ହେବା ଫଳରେ ଶିଶୁମାନଙ୍କ ଶିକ୍ଷାର ହାର ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି । 'ସର୍ବଶିକ୍ଷା ଅଭିଯାନ' ପରେ ପରେ ଏହାର କେତେକ ନିୟମକୁ ପରିବର୍ତ୍ତନ କରି ୨୦୦୯ ମସିହାରୁ ଭାରତ ସରକାର 'ଶିକ୍ଷା ଅଧିକାର' ପ୍ରଣୟନ କରିଛନ୍ତି । ଏଥିରେ ସବୁ ଶିଶୁ ଶିକ୍ଷା ଅଧିକାରରେ ସାମିଲ ହେବେ । କୌଣସି ଶିଶୁ

ଶିକ୍ଷାଲାଭରୁ ବଞ୍ଚିତ ହେବେ ନାହିଁ । ଯେଉଁମାନେ ଏଭଳି ମହାନ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ବଦଳରେ ପ୍ରତିବାଦ, ଅସହଯୋଗ କିମ୍ବା ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସୁତରାଂ ଯେକୌଣସି ପରିସ୍ଥିତିରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମଧ୍ୟ କୌଣସି ପରିସ୍ଥିତିରେ ଶିକ୍ଷା ଅଧିକାରକୁ ବ୍ୟତିକ୍ରମ କରିପାରିବେ ନାହିଁ । ଶିଶୁମାନଙ୍କର ଶିକ୍ଷା ଅଧିକାର ଭାରତ ସମ୍ବିଧାନ ଆଇନ୍‌ରେ ପରିଣତ ହୋଇଯାଇଛି । ଆମ ରାଜ୍ୟରେ ଏହି ମହତ୍ ଲକ୍ଷ୍ୟ ସାଫଲ୍ୟ ମଣ୍ଡିତ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାବିତ୍ ଓ ଶିକ୍ଷକମାନେ ମଧ୍ୟ ନିଜକୁ ସମର୍ପଣ କରି ଦେଇଛନ୍ତି । ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ 'ସର୍ବଶିକ୍ଷା ଅଭିଯାନ' ଏବଂ ତତ୍‌ପରେ 'ଶିକ୍ଷା ଅଧିକାର' ସଫଳତା ଦିଗରେ ଦୃଢ ପଦକ୍ଷେପ ପୋଷଣ କରିଛି । ସୁତରାଂ 'ଶିକ୍ଷା ଅଧିକାର' ଆଇନ୍‌ରେ ପରିଣତ ହେବାପରେ ସବୁଗୋଷ୍ଠୀର ଲୋକେ ଅଧିକ ସଚେତନ ହୋଇ ଉଠିଛନ୍ତି । ଗୋଷ୍ଠୀ ସହାୟତା, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ସହଯୋଗ ଫଳରେ ଆଜି ସବୁ ସହର, ଗାଁ କିମ୍ବା ସାହି ବସ୍ତିରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଉଛି । 'ଶିକ୍ଷା ଅଧିକାର'ରେ ଖାଲି ପାଠ ପଢିଲେ ହେବନି । ଶିଶୁମାନଙ୍କ ପାଇଁ ବିଦ୍ୟାଳୟରେ ଅଧୁନା ସୁରକ୍ଷା ଅପରିହାର୍ଯ୍ୟ ହୋଇପଡିଛି । ଏହି ସମସ୍ୟା ମଧ୍ୟ ସାରା ପୃଥିବୀରେ ଆତଙ୍କ ଖେଳାଇ ଦେଇଛି । ୨୦୧୪ ମସିହା ଡିସେମ୍ବର ମାସରେ ପାକିସ୍ତାନର ପେଶୱାର ଆର୍ମି ପବ୍ଲିକ୍ ସ୍କୁଲରେ ନିଷ୍ଠୁର ତାଲିବାନ ଉଗ୍ରପନ୍ଥୀମାନେ କୋମଳମତି, ନିଷ୍ପାପ ଶିଶୁ କିଶୋର ବୟସର ପିଲାମାନଙ୍କୁ ଯେଭଳି ଜଘନ୍ୟ ହତ୍ୟାକଲେ, ତାହା ସମଗ୍ର ପୃଥିବୀବାସୀଙ୍କ ହୃଦୟ ତନ୍ତ୍ରିକୁ ଦୋହଲାଇ ଦେଇଛି । ଥରାଇ ଦେଇଛି ଏ ମାଟିକୁ । ଶହ ଶହ ପରିବାରର ବାପା ମାଆଙ୍କ ଆଖିରୁ ଏ ଯାଏଁ ଲୁହ ଶୁଖୁନି । ସାରା ପରିବାର ଆଜି ନିଃସହାୟ । ଏଇ ଶିଶୁ କି ଅପରାଧ କରିଥିଲେ ? ଯେଉଁମାନେ ନିରୀହ, କୋମଳମତି, ନବକାକଳି, ସେମାନେ ଆମ ସମାଜର ଭବିଷ୍ୟତ ଓ ଆଗାମୀ ପିଢି । ପରସ୍ପର କ୍ରୋଧର ଶିକାର ହେଲେ ସେମାନେ, ଯେଉଁମାନେ ଦୁନିଆକୁ କମ୍ ଜାଣିଥିଲେ । ଏ ଉଗ୍ରପନ୍ଥୀମାନେ କାପୁରୁଷ, ଅମଣିଷ । ମଣିଷ ଜାତି ଯୁଗେ ଯୁଗେ ସେମାନଙ୍କର ଏଭଳି ଜଘନ୍ୟ ଅପରାଧ ପାଇଁ କେବେ ବି କ୍ଷମା ଦେବନି । ଏଭଳି ହୀନ, ଘୃଣ୍ୟ, କଦର୍ଯ୍ୟ ମାନସିକତାର ପରିବର୍ତ୍ତନ ନିହାତି ଆବଶ୍ୟକ ।

ଗୋଟିଏ ଶିଶୁ ପାଇଁ ତା'ର ପରିବାର ହିଁ ସବୁଠାରୁ ସୁରକ୍ଷିତ ଜାଗା । ଶିଶୁଟିଏ ନିଜ ପରିବାର ଭିତରେ କିପରି ସୁସ୍ଥ ମାନସିକତା, ଉତ୍ତମ ପରିବେଶରେ ବଞ୍ଚିବ, ପରିବାର ଆଦର୍ଶକୁ ନେଇ ନିଜର ଅନ୍ତର୍ନିହିତ ଗୁଣରେ ବିକାଶ କରିବାର ସୁଯୋଗ ପାଇବ, ଏସବୁ ଦିଗ ପ୍ରତି ପ୍ରତ୍ୟେକେ ସଚେତନ ହେବା ଦରକାର । ସୁତରାଂ ଆଜି ସବୁ ପରିବାରକୁ ସଶକ୍ତିକରଣର ଆବଶ୍ୟକତା ରହିଛି । ସମସ୍ତ ଅସୁରକ୍ଷିତ ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ଦିଗରେ ଯେଉଁମାନେ ବାଧା ସୃଷ୍ଟି କରୁଛନ୍ତି, ସେମାନଙ୍କ ପ୍ରତି କଠୋର ଆଖିଦୃଶିଆ ଶାସ୍ତି ବିଧାନ କରିବା ସହ କ୍ଷତିଗ୍ରସ୍ତ ଶିଶୁମାନଙ୍କର ଥଇଥାନ ପାଇଁ ମଧ୍ୟ ଦୃଢ ପଦକ୍ଷେପ ନେବା ଦରକାର । ଶିଶୁ କନ୍ୟାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନଶୈଳୀକୁ ପରିମାର୍ଜିତ କରିବା, ଲିଙ୍ଗଗତ ଓ ବୈଷମ୍ୟଠାରୁ ଉର୍ଦ୍ଧ୍ୱରେ ରହିବା, ଏଚ୍.ଆଇ.ଭି. ଏଡ୍‌ସ ଆକ୍ରାନ୍ତ ଶିଶୁମାନଙ୍କର ଉପଯୁକ୍ତ ସୁରକ୍ଷା ଚିକିତ୍ସା ଏବଂ ଯତ୍ନର ଆବଶ୍ୟକତା ରହିଛି । ଶିଶୁ ସୁରକ୍ଷା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଚାଇଲ୍ଡ଼ ଲାଇନ୍, ଶିଶୁମାନଙ୍କ ସାମୟିକ ଆଶ୍ରୟ ଗୃହ, ଶିଶୁ କଲ୍ୟାଣ ସମିତି, ବାଳ ଅପରାଧ ଗୃହ ଭଳି ବିଭିନ୍ନ ହେଲ୍‌ପ ଲାଇନ୍ ଖୋଲିଥିଲେ ମଧ୍ୟ ଆଜି ବି ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏଁ ଶିଶୁଟିଏ ଫୁଟପାଥିରେ ଅସୁରକ୍ଷିତ ଓ ଅବହେଳିତ । ଭାରତ ସ୍ୱାଧୀନତାର ବହୁବର୍ଷ ବିତିଯାଇଥିଲେ ସୁଦ୍ଧା ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକ୍ରମ ଉପରେ ବହୁଲୋକ ଅଜ୍ଞ ଅଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଶିଶୁ ସୁରକ୍ଷା ଆଇନ୍ ପ୍ରଚଳନ ଆମ ସମସ୍ତ ଭାରତୀୟମାନଙ୍କର ମିଳିତ ଦାୟିତ୍ୱ । ସମାଜର ପ୍ରତି ଶ୍ରେଣୀର ଲୋକମାନେ ଆଗାମୀ ସକାଳର ଭବିଷ୍ୟତ, ଶିଶୁମାନଙ୍କର ଅଧିକାର ଓ ସୁରକ୍ଷା ଉପରେ କାର୍ଯ୍ୟକାରୀ ହେଉଥିବା ପ୍ରଗତିମୂଳକ କାର୍ଯ୍ୟକ୍ରମ ପ୍ରତି ସଚେତନ ହେବା ସଙ୍ଗେ ସଙ୍ଗେ ସହଯୋଗ କରିବା ଦରକାର । ତଥାପି ସମୟ ଅଛି ଆମ ହାତରେ । ଆସନ୍ତୁ, ଆମର ଭାରତବାସୀ ସକାଳର ସୁନେଲି ସୂର୍ଯ୍ୟ, ଦେଶ ଓ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ଶିଶୁ କିଶୋର ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଦିଗରେ ଅଧିକ ଯତ୍ନଶୀଳ ହେବା । ଏହାଦ୍ୱାରା ଶିଶୁ ଅଧିକାର ଫଳପ୍ରଦ ହେବା ସହିତ ସମଗ୍ର ବିଶ୍ୱ, 'ବସୁଧୈବ କୁଟୁମ୍ବକମ୍'ରେ ପରିଣତ ହୋଇ ପାରିବ ।

ପ୍ରଧାନ ଶିକ୍ଷକ
ବରାଳପୋଖରୀ, ଚରମ୍ପା, ଭଦ୍ରକ